# NATIONAL NEWS BULLETIN (ODIA)
## 14th December - 2024
## Morning Bulletin : 7.15 a.m.

*************************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ଚତୁର୍ଥ ଜାତୀୟ ମୁଖ୍ୟଶାସନ ସଚିବ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ ପ୍ରଧାନମନ୍ତ୍ରୀ ।
- ଲୋକସଭାରେ ଆଜି ଭାରତୀୟ ସମ୍ବିଧାନର ୭୫ ବର୍ଷର ଗୌରବମୟ ଯାତ୍ରା ଉପରେ ଜାରି ରହିବ ସ୍ୱତନ୍ତ୍ର ଆଲୋଚନା ।
- ମହିଳାଙ୍କ ନେତୃତ୍ୱ ବିକାଶ ପର୍ଯ୍ୟନ୍ତ ପରିବର୍ତ୍ତନ ଆଣିବାପାଇଁ ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।
- ଆସନ୍ତାକାଲିଠାରୁ ତିନିଦିନିଆ ଭାରତ ଗସ୍ତରେ ଆସିବେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ।

ଏବଂ

- ବର୍ଡର ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ପ୍ରଥମ ଦିନରେ ବ୍ୟାଟିଂ କରୁଛି ଅଷ୍ଟ୍ରେଲିଆ ।

## ପି.ଏମ୍. - ନ୍ୟାସନାଲ କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ଆଜି ଚତୁର୍ଥ ଜାତୀୟ ମୁଖ୍ୟଶାସନ ସଚିବ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଭାଗିଦାରିତା ସୁଦୃଢ଼ କରି ଦ୍ରୁତ ଅଭିବୃଦ୍ଧି ଓ ବିକାଶ ହାସଲ ପାଇଁ ଉତ୍ତମ ସମନ୍ୱୟ ସୁନିଶ୍ଚିତ କରିବା । ୨୦୨୨ ମସିହା ଜୁନ୍ ମାସରେ ଧର୍ମଶାଳାରେ ପ୍ରଥମ ମୁଖ୍ୟ ଶାସନ ସଚିବ ସମ୍ମିଳନୀ ଅନୁଷ୍ଠିତ ହୋଇଥିବାବେଳେ ୨୦୨୩ ଜାନୁୟାରୀ ଦ୍ୱିତୀୟ ଏବଂ ଡିସେମ୍ବରରେ ତୃତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଆମ ସମ୍ବାଦଦାତା ଜଣାଇଛନ୍ତି, ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ, ବରିଷ୍ଠ ଅଧିକାରୀ ଏବଂ ଅନ୍ୟ ବିଶେଷଜ୍ଞମାନେ ଉପସ୍ଥିତ ରହିବେ । ଏହି ଚତୁର୍ଥ ଜାତୀୟ ସମ୍ମିଳନୀର ଶୀର୍ଷକ ରହିଛି 'ଉଦ୍ୟୋଗ, ନିଯୁକ୍ତି ଏବଂ ଦକ୍ଷତାକୁ ପ୍ରୋତ୍ସାହିତ କରିବା ଓ ଜନସଂଖ୍ୟାଗତ ଲାଭାଂଶର ଉପଯୋଗ' । ଏଥିରେ ଉତ୍ପାଦନ, ସେବା, ଗ୍ରାମୀଣ ଓ ସହରାଞ୍ଚଳ ବିକାଶ, ଅକ୍ଷୟ ଶକ୍ତି ଏବଂ ଅର୍ଥନୀତି ଭଳି ୬ଟି କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯିବ ।

ବୈଠକରେ ଅର୍ଥନୈତିକ ସଂସ୍କାର ଏବଂ ମିଶନ କର୍ମଯୋଗୀ ମାଧ୍ୟମରେ ଦକ୍ଷତା ବିକାଶ ଉପରେ ୪ଟି ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ ।

## ଏଲ୍.ଏସ୍. - କନ୍‌ଷ୍ଟିଚ୍ୟୁସନ ଡିସ୍‌କସନ୍

ଲୋକସଭାରେ ଆଜି ଭାରତୀୟ ସମ୍ବିଧାନର ୭୫ ବର୍ଷର ଗୌରବମୟ ଯାତ୍ରା ଉପରେ ସ୍ୱତନ୍ତ୍ର ଆଲୋଚନା ଜାରି ରହିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକସଭାରେ ଏହି ବିତର୍କର ଉତ୍ତର ଦେବାର କାର୍ଯ୍ୟକ୍ରମ ରହିଛି ।

ଗତକାଲିଠାରୁ ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତି ଅବସରରେ ଲୋକସଭାରେ ଦୁଇଦିନିଆ ବିତର୍କ ଆରମ୍ଭ ହୋଇଛି । ଆଲୋଚନା ଆରମ୍ଭ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଭାରତୀୟ ସମ୍ବିଧାନ, ସାମାଜିକ, ଅର୍ଥନୈତିକ, ରାଜନୈତିକ ଏବଂ ସାଂସ୍କୃତିକ ଜୀବନର ସମସ୍ତ ଦିଗରେ ଦେଶ ଗଠନର ମାର୍ଗ ପ୍ରଶସ୍ତ କରିଛି ବୋଲି କହିଥିଲେ । ସେ କହିଥିଲେ, ୭୫ ବର୍ଷ ପୂର୍ବେ ସମ୍ବିଧାନ ସଭା, ସ୍ୱାଧୀନ ଭାରତ ନିମନ୍ତେ ସମ୍ବିଧାନ ଗଠନ ପ୍ରକ୍ରିୟା ଶେଷ କରିଥିଲା । ସମ୍ବିଧାନ ସଭାଦ୍ୱାରା ପ୍ରସ୍ତୁତ ସମ୍ବିଧାନ କେବଳ ଏକ ସରକାରୀ ଦସ୍ତାବିଜ୍ ନୁହେଁ; ବରଂ ଏହା ଲୋକଙ୍କ ଇଚ୍ଛାର ପ୍ରତିଫଳନ ବୋଲି ସେ କହିଥିଲେ ।

ବିତର୍କ ସମୟରେ ବିରୋଧୀ କଂଗ୍ରେସକୁ ଲକ୍ଷ୍ୟକରି ଶ୍ରୀ ସିଂହ କହିଥିଲେ, ଗତ କିଛି ବର୍ଷରେ ସମ୍ବିଧାନକୁ ଏକ ନିର୍ଦ୍ଦିଷ୍ଟ ଦଳର ଅବଦାନ ଭାବରେ ଚିତ୍ରଣ କରିବାକୁ ଉଦ୍ୟମ କରାଯାଇଛି । ସମ୍ବିଧାନ କୌଣସି ଗୋଟିଏ ଦଳର ଅବଦାନ ନୁହେଁ; ବରଂ ଭାରତର ମୂଲ୍ୟବୋଧ ସହ ଜଡ଼ିତ ଏକ ଅତୁଳନୀୟ ଦସ୍ତାବିଜ୍ ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର 'ସବ୍ କା ସାଥ୍, ସବ୍ କା ବିକାଶ ଏବଂ ସବ୍ କା ପ୍ରୟାସ'ର ଭାବନା ନେଇ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ସିଂହ କହିଥିଲେ । ସମ୍ବିଧାନରେ ଦର୍ଶାଯାଇଥିବା ଧର୍ମ ଅନୁଯାୟୀ ସରକାର କାର୍ଯ୍ୟ କରୁଛନ୍ତି ଏବଂ ସମ୍ବିଧାନ ପ୍ରଗତିଶୀଳ ଏବଂ ପରିବର୍ତ୍ତନଶୀଳ ବୋଲି ଶ୍ରୀ ସିଂହ କହିଥିଲେ । ଭାରତ ଭଳି ଦେଶରେ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିଟିଏ ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତି ହୋଇପାରିବ ବୋଲି ସେ କହିଥିଲେ ।

ଶ୍ରୀ ସିଂହ ଦର୍ଶାଇଥିଲେ, ସମ୍ବିଧାନ ପ୍ରସ୍ତୁତିରେ ଅନେକ ନେତାଙ୍କ ଅବଦାନକୁ ଜାଣିଶୁଣି ଅଣଦେଖା କରାଯାଇଛି । ସମ୍ବିଧାନକୁ ସୁଦୃଢ଼ କରିବା କ୍ଷେତ୍ରରେ ମଦନ ମୋହନ ମାଲବ୍ୟ, ଲାଲା ଲଜପତ ରାୟ, ଭଗତ ସିଂହ ଏବଂ ବୀର ସାବରକରଙ୍କ ଭଳି ନେତାଙ୍କ ଚିନ୍ତାଧାରା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ ।

ବିତର୍କରେ ଅଂଶଗ୍ରହଣ କରି କଂଗ୍ରେସର ପ୍ରିୟଙ୍କା ଗାନ୍ଧି ଭଦ୍ରା କହିଥିଲେ, ଆମ ସମ୍ବିଧାନ ହେଉଛି ନାଗରିକଙ୍କ ପାଇଁ ଏକ ସୁରକ୍ଷା ବଳୟ । ଏହା ନ୍ୟାୟ, ଏକତା ଏବଂ ମତ ପ୍ରକାଶ କରିବାର ଅସ୍ତ୍ର ବୋଲି ସେ କହିଥିଲେ ।

ବିତର୍କରେ ଭାଗ ନେଇ ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ କହିଥିଲେ, ସମ୍ବିଧାନ ହେଉଛି ଗଣତନ୍ତ୍ରର ଆତ୍ମା । ସେ କହିଥିଲେ, ୭୫ ବର୍ଷ ପରେ ପୁଣି ଥରେ ସମ୍ବିଧାନ ଉପରେ ଆଲୋଚନା ହେଉଛି । ଆମ ସମ୍ବିଧାନ ଦେଶର ଅବହେଳିତ ଓ ନିର୍ଯାତିତଙ୍କ ପ୍ରକୃତ ରକ୍ଷକ । ତେବେ ପ୍ରତିନିଧିତ୍ୱ ଏବଂ ସଂରକ୍ଷଣ ଅଭାବରୁ ଅନେକ ସମ୍ପ୍ରଦାୟ କ୍ଷତିଗ୍ରସ୍ତ ହେଉଥିବା ସେ ଅଭିଯୋଗ କରିଥିଲେ ।

ଡି.ଏମ୍.କେ.ର ଟି.ଆର୍. ବାଲୁ କହିଥିଲେ, ସମ୍ବିଧାନ କେବଳ ଆଇନ, ଅଧିକାର ଏବଂ କର୍ତ୍ତବ୍ୟର ପୁସ୍ତକ ନୁହେଁ, ବରଂ ସ୍ୱାଧୀନ ଭାରତର ପ୍ରଥମ ପିଢ଼ିର ନେତାମାନଙ୍କ ବିଚାରଧାରା, ଯାହା ଦେଶକୁ ମାର୍ଗଦର୍ଶନ ଦେଇଆସିଛି ।

ଜନତା ଦଳ ୟୁନାଇଟେଡ୍ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ରଞ୍ଜନ ସିଂହ କହିଥିଲେ, ଯେଉଁମାନେ ସମ୍ବିଧାନକୁ ନେଇ ବିଭ୍ରାଟ ସୃଷ୍ଟି କରିବେ, ସେମାନଙ୍କ ପ୍ରକୃତ ସ୍ଥାନ ଦେଖାଇ ଦିଆଯିବ । ଜରୁରୀକାଳୀନ ପରିସ୍ଥିତି ଲାଗୁ କରିବା ଏବଂ ଧାରା ୩୫୬ର ଅପବ୍ୟବହାର କରି ରାଜ୍ୟ ସରକାର ଭାଙ୍ଗିବା ନେଇ ଶ୍ରୀ ସିଂହ କଂଗ୍ରେସକୁ ସମାଲୋଚନା କରିଥିଲେ ।

ବିତର୍କରେ ତୃଣମୂଳ କଂଗ୍ରେସର କଲ୍ୟାଣ ବାନାର୍ଜୀ ଓ ମହୁଆ ମୋଇତ୍ର, ଟି.ଡି.ପି.ର ଡକ୍ଟର ବାଇରେଡ୍ଡୀ ସାବରୀ, ଶିବସେନା ୟୁ.ବି.ଟି.ର ଅରବିନ୍ଦ ସାୱନ୍ତ, ବି.ଜେ.ପି.ର ଜଗଦମ୍ବିକା ପାଲ ଓ ଭର୍ତ୍ତୃହରି ମହତାବ, ଏନ୍.ସି.ପି.-ଏସ୍.ପି.ର ଡକ୍ଟର ଅମୋଲ ରାମସିଂ କୋଲେ, ଏଲ୍.ଜେ.ପି.-ଆର୍.ର

ସମ୍ଭାବୀ, ସି.ପି.ଆଇ.ର କେ. ସୁବାରାୟନ୍ ଓ ଜେ.ଡି.ଏସ୍.ର ମଲେଶ ବାବୁ ଭାଗ ନେଇଥିଲେ ।

## ପ୍ରଧାନ - ଓ୍ୱିମେନ୍ ଓ୍ୱାର୍କସପ୍

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ମହିଳାଙ୍କ ବିକାଶରୁ, ମହିଳାଙ୍କ ନେତୃତ୍ୱ ବିକାଶ ପର୍ଯ୍ୟନ୍ତ ପରିବର୍ତ୍ତନ ଆଣିବାପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଗତକାଲି ନୂଆଦିଲ୍ଲୀରେ ୨୦୪୭ ସୁଦ୍ଧା ବିକଶିତ ଭାରତ ନିମନ୍ତେ ମହିଳା ନେତୃତ୍ୱ ସମ୍ପର୍କିତ ଦିନିକିଆ କର୍ମଶାଳାକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ, ନୂଆ ଜାତୀୟ ଶିକ୍ଷାନୀତିର ପରିକଳ୍ପନା ସହିତ ଶିକ୍ଷାର ପ୍ରତ୍ୟେକ ସ୍ତରରେ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

ସେ କହିଥିଲେ, ନାରୀଶକ୍ତି ହେଉଛି ସ୍ଥିରତା ଏବଂ ଆଶାର ପ୍ରତୀକ । ତେଣୁ ମହିଳାମାନଙ୍କୁ ସମ୍ମାନର ସହ ବ୍ୟବହାର କରିବା ଭାରତୀୟ ସଭ୍ୟତାର ଏକ ଅନ୍ତର୍ନିହିତ ମୂଲ୍ୟ ।

# ବୈଷ୍ଣବ - ଆଲୁ ଅର୍ଜୁନ

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପୁଷ୍ପା-୨ ଚଳଚ୍ଚିତ୍ରର ପ୍ରିମିୟର୍ ସମୟରେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟର୍‌ରେ ଘଟିଥିବା ଦୁର୍ଘଟଣା ରାଜ୍ୟ ଓ ସ୍ଥାନୀୟ ପ୍ରଶାସନର ବିଫଳତା । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, କଂଗ୍ରେସର ଚଳଚ୍ଚିତ୍ର ଶିଳ୍ପ ପ୍ରତି କୌଣସି ସମ୍ମାନ ନାହିଁ ଏବଂ ଚଳଚ୍ଚିତ୍ର ଅଭିନେତା ଅଲୁ ଅର୍ଜୁନଙ୍କ ଗିରଫଦାରୀ ଏହା ପୁଣି ଥରେ ପ୍ରମାଣିତ କରିଛି । ସେ କହିଛନ୍ତି, କଂଗ୍ରେସ ଦଳ ନିଜ ଦୋଷ ଲୁଚାଇବା ପାଇଁ ପବ୍ଲିସିଟି ଷ୍ଟଣ୍ଟ କରୁଛି । ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଘଟଣାରେ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କୁ ଗିରଫ କରିବା ପରିବର୍ତ୍ତେ ତେଲଙ୍ଗାନା ସରକାର ପ୍ରଭାବିତଙ୍କୁ ସାହାଯ୍ୟ କରିବା ସହ ଯେଉଁମାନେ ବ୍ୟବସ୍ଥା ସହ ସମ୍ପୃକ୍ତ, ସେମାନଙ୍କୁ ଦଣ୍ଡିତ କରିବା ଉଚିତ ।

ଗତ ଡିସେମ୍ବର ୪ ତାରିଖରେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟର୍‌ରେ ପୁଷ୍ପା-୨ ଚଳଚ୍ଚିତ୍ରର ପ୍ରିମିୟର ସମୟରେ ଦଳାଚକଟାରେ ଜଣେ ମହିଳାଙ୍କ ମୃତ୍ୟୁ ନେଇ ଗତକାଲି ପୁଲିସ୍ ଅଭିନେତା ଅଲୁ ଅର୍ଜୁନଙ୍କୁ ଗିରଫ କରିଥିଲା । ଏହି ଘଟଣାରେ ପ୍ରଥମେ ନିମ୍ନ ଅଦାଲତ ତାଙ୍କୁ ୧୪ ଦିନିଆ ପୁଲିସ୍ ହେପାଜତକୁ ପଠାଇଥିଲେ ମଧ୍ୟ ତେଲଙ୍ଗାନା ହାଇକୋର୍ଟ ୪ ସପ୍ତାହ ପାଇଁ ମଧ୍ୟବର୍ତ୍ତୀକାଳୀନ ଜାମିନ ପ୍ରଦାନ କରିଥିଲେ ।

## ଏନ୍.ଏଚ୍.ଏ.ଆଇ. - ଆର୍.ପି.ଭି.

ଦେଶର ଜାତୀୟ ରାଜପଥଗୁଡ଼ିକରେ ନିରାପତ୍ତା ବୃଦ୍ଧି ନିମନ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷ - ଏନ୍.ଏଚ୍.ଏ.ଆଇ. ରାଜମାର୍ଗ ସାଥୀ ନାମକ ଅତ୍ୟାଧୁନିକ ନୂତନ ରୁଟ୍ ପାଟ୍ରୋଲିଂ ଯାନ ବ୍ୟବସ୍ଥା ଆରମ୍ଭ କରିବେ । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଜରୁରୀକାଳୀନ ପରିସ୍ଥିତି ଉପରେ ନଜର ରଖିବା ଏବଂ ପଦକ୍ଷେପ ନେବାପାଇଁ ଏହି ଯାନଗୁଡ଼ିକ ଜାତୀୟ ରାଜପଥରେ ଯାଞ୍ଚ କାର୍ଯ୍ୟ କରିବ । ଏହି ନୂତନ ଯାନରେ କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ଡାସ୍‌ବୋର୍ଡ଼ କ୍ୟାମେରା ଓ କ୍ୟାବିନେଟ୍ ରହିବ । ଭିଡ଼ଜନିତ ପ୍ରତିବନ୍ଧକକୁ ହ୍ରାସ କରିବା, ସଡ଼କ ସୁରକ୍ଷାରେ ଉନ୍ନତି ଆଣିବା ଏବଂ ଉପଭୋକ୍ତାଙ୍କ ଅଭିଜ୍ଞତା ବୃଦ୍ଧି କରିବା ଲାଗି ଏହି ଯାନଗୁଡ଼ିକରେ ଉନ୍ନତ ଯୋଗାଯୋଗ ଏବଂ ସୁରକ୍ଷା ଉପକରଣ ବ୍ୟବସ୍ଥା କରାଯିବ ।

## ଏମ୍.ଇ.ଏ. - ଶ୍ରୀଲଙ୍କା ପ୍ରେଜ୍ ଭିଜିଟ୍

ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ଆସନ୍ତାକାଲିଠାରୁ ତିନିଦିନିଆ ଭାରତ ଗସ୍ତରେ ଆସିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ

ମୁଖପାତ୍ର ରଣଧୀର ଜୟଶ୍ୱାଲ କହିଛନ୍ତି, ଶ୍ରୀଲଙ୍କାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଶ୍ରୀ ଦିଶାନାୟକେ ପ୍ରଥମ ଥରପାଇଁ ଭାରତ ଗସ୍ତରେ ଆସୁଛନ୍ତି । ଏହି ଗସ୍ତକାଳରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଞ୍ଚଳିକ ଓ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଶ୍ରୀଲଙ୍କା ରାଷ୍ଟ୍ରପତି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ବିହାରର ବୋଧଗୟା ଗସ୍ତ କରିବେ ।

## ଜୟଶଙ୍କର - ପର୍ତ୍ତୁଗାଲ ମିନିଷ୍ଟର୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ପର୍ତ୍ତୁଗାଲ୍‌ର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପାଓଲୋ ରେଞ୍ଜେଲଙ୍କ ସହ ଗତକାଲି ନୂଆଦିଲ୍ଲୀରେ ଆଲୋଚନା କରିଛନ୍ତି । ପରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ବୈଠକରେ ଉଭୟ ପକ୍ଷ ମଧ୍ୟରେ ସ୍ୱଚ୍ଛ ଶକ୍ତି, ପ୍ରଯୁକ୍ତିବିଦ୍ୟା, ଡିଜିଟାଲ୍ ବିଷୟବସ୍ତୁ, ଐତିହ୍ୟ ଏବଂ ସାମୁଦ୍ରିକ କ୍ଷେତ୍ରରେ ନୂତନ ସୁଯୋଗର ଅନୁସନ୍ଧାନ ନେଇ ଆଲୋଚନା ହୋଇଛି । ଉଭୟ ନେତା ପଶ୍ଚିମ ଏସିଆ, ୟୁକ୍ରେନ୍ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଉପରେ ମତ ବିନିମୟ କରିଥିଲେ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଉଭୟ ଦେଶ ମଧ୍ୟରେ ଥିବା ଦ୍ୱିପକ୍ଷୀୟ ସହଯୋଗ ଏବଂ ଭାରତ-ୟୁରୋପୀୟ

ସଂଘ ସମ୍ପର୍କକୁ ସୁଦୃଢ଼ କରିବା କ୍ଷେତ୍ରରେ ପର୍ତ୍ତୁଗାଲ୍‌ର ସମର୍ଥନକୁ ପ୍ରଶଂସା କରିଥିଲେ ।

## କ୍ରିକେଟ୍ - ଇଣ୍ଡିଆ-ଅଷ୍ଟ୍ରେଲିଆ

ବ୍ରିସ୍‌ବେନ୍‌ର ଗାବାଠାରେ ଚାଲିଥିବା ବର୍ଡର ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟମ୍ୟାଚ୍‌ର ଆଜି ପ୍ରଥମ ଦିନରେ ଭାରତ ଟସ୍ ଜିତି ଅଷ୍ଟ୍ରେଲିଆକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ପ୍ରଥମ ଇନିଙ୍ଗସ୍‌ରେ ଅଷ୍ଟ୍ରେଲିଆ ୧୦ ଓଭର୍ ୨ଟି ବଲ୍‌ରେ କୌଣସି ୱିକେଟ୍ ନ ହରାଇ ୨୭ ରନ୍ କରିଛି । ଭାରତୀୟ ଦଳରେ ଦୁଇଟି ପରିବର୍ତ୍ତନ କରାଯାଇଛି । ରବିଚନ୍ଦ୍ରନ ଅଶ୍ୱିନୀ ଏବଂ ହର୍ଷିତ୍ ରାଣାଙ୍କ ବଦଳରେ ରବିନ୍ଦ୍ର ଜାଡେଜା ଓ ଆକାଶଦୀପ୍‌ଙ୍କୁ ସାମିଲ୍ କରାଯାଇଛି ।

ଆଡିଲେଡ୍‌ର ଓଭାଲ୍‌ଠାରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଜିତିବା ପରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ୧-୧ରେ ସମାନ ସ୍ଥିତିରେ ରହିଛି । ପର୍ଥରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ବିଜୟ ଲାଭ କରିଥିଲା ।

*****